ପ୍ରମେୟ
THE PRAMEYA

# ନୀଳାଚଳକୁ ମିଳିଲା ଖଣି
# କାରଖାନାର ସ୍ଥିତି ବଦଳିବ

ବ୍ୟାସନଗର,୫।୯(ଆପ୍ର):କଳିଙ୍ଗନଗରେ ଥିବା ଏକମାତ୍ର ସରକାରୀ ଉଦ୍ୟୋଗ ନିଳାଚଳ ଇସ୍ପାତ ନିଗମ ଆର୍ଥିକ ସଙ୍କଟ ଦେଇ ଗତିକରୁଛି। ଲଗାତାର ଭାବେ କ୍ଷତିରେ ଚାଲିଥିବା ଏହି କାରଖାନା ଏବେ ସେଥିରୁ ମୁକୁଳିବାକୁ ଯୋଜନା କରିଛି। ସରକାର ନିଳାଚଳ ଇସ୍ପାତ କାରଖାନାର କଞ୍ଚାମାଲ ଜନତି ଅଭାବ ପୂରଣ ପାଇଁ ଖଣି ଯୋଗାଇ ଦେଇଛନ୍ତି। ସୁନ୍ଦରଗଡ଼ ଏବଂ କେନ୍ଦୁଝର ଜିଲ୍ଲାର ୮୭୪ହେକ୍ଟର ପରିମିତ ଜାଗାରୁ ୧୧୦ ମିଲିୟନ ଟନ୍ ଲୁହାପଥର ଖନନ କରିବାକୁ ଅନୁମତି ମିଳିଛି। ନିଳାଚଳକୁ ଖଣି ମିଳିବା ପରେ କାରଖାନାର ଆର୍ଥିକ ସ୍ଥିତି ବଳିବାର ସମ୍ଭାବନା ସୃଷ୍ଟି ହୋଇଛି। କାରଖାନାର ସ୍ଥିତି ସୁଧାରିବା ପାଇଁ କର୍ତ୍ତୃପକ୍ଷ ଦୀର୍ଘମିଆଦି ଯୋଜନାର ପ୍ରସ୍ତୁତ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।



ମିଳିଥିବା ସୂଚନା ମୁତାବକ କ୍ଷତିରେ ଚାଲୁଥିବା କାରଖାନାକୁ ଲାଭ ଦିଗକୁ ଆଗେଇ ନେବା ପାଇଁ କାରଖାନାରେ ପରିଚାଳନା ନିର୍ଦ୍ଦେଶକ ଏସଏସ ମହାନ୍ତି ପଣ କରିଛନ୍ତି। ଚଳିତ ବର୍ଷ କାରଖାନାର ଉତ୍ପାଦନ ବଢ଼ିଥିଲେ ମଧ୍ୟ କଞ୍ଚାମାଲ ସମସ୍ୟା କାରଖାନାର କ୍ଷତିର କାରଣ ହେଉଛି। ସରକାର ଖଣି ପ୍ରଦାନ କରିବା ପରେ ଚଳିତ ବର୍ଷ ଶେଷ ସୁଧା ନିଜସ୍ୱ ଖଣିରୁ କଞ୍ଚାମାଲ ସଂଗ୍ରହ କରିବାକୁ ନିଳାଚଳ ନିଷ୍ପତି ନେଇଛି। ସେହିପରି କାରଖାନାର ବ୍ଲାଷ୍ଟ ଫର୍ଣ୍ଣେସ ଚଳିତ ବର୍ଷର ଶେଷ ଆଡ଼କୁ ମରାମତି କରାଯିବାର ଯୋଜନା ରହିଛି। ସେଥିପାଇଁ କାରଖାନାକୁ ଦୁଇ ମାସ ବନ୍ଦ ରଖିବା ସହିତ ଫର୍ଣ୍ଣେସର ଦକ୍ଷତା ବୃଦ୍ଧି କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ନିଳାଚଳ ଇସ୍ପାତ ନିଜର ପୁରୁଣା ଫର୍ଣ୍ଣେସକୁ ନୂତନ ରୂପ ଦେବା ପରେ ନିଜସ୍ୱ କଞ୍ଚାମାଲକୁ ନେଇ ଉନ୍ନତ ମାନର ଷ୍ଟିଲ ଉତ୍ପାଦନ କରିବାର ଲକ୍ଷ ରଖିଛି। ନିଜସ୍ୱ କଞ୍ଚାମାଲ ଯୋଗୁଁ ଉତ୍ପାଦନ ସାମଗ୍ରୀର ବିକ୍ରିରେ ଅଧିକ ଲାଭ ମିଳିବା ସହିତ ଉନ୍ନତ ମାନର ଉତ୍ପାଦନ ବଜାରରେ ଚାହିଦା ବଢ଼ାଇବାରେ ସହାୟକ ହେବ ବୋଲି କାରଖାନା କର୍ତ୍ତୃପକ୍ଷ ବିଶ୍ୱାସ ରଖିଛନ୍ତି।

କୋଇଡ଼ାରେ ମିଳିଥିବା ଖଣିକୁ ୨୦୧୬ ଅକ୍ଟୋବରରେ ପରିବେଶ ମଞ୍ଜୁରୀ ମିଳିଥିବା ବେଳେ ୨୦୧୭ ଜାନୁଆରୀରେ ଲିଜ୍ ମିଳିଲା। କାରଖାନାକୁ ଖଣି ମିଳିଥିବାରୁ ନିଳାଚଳର ସଂପ୍ରସାରଣ କରିବା ଯୋଜନା ରହିଛି। ସର୍ବନିମ୍ନ ୫ମିଲିୟନ ଟନ୍ ଉତ୍ପାଦନ କ୍ଷମତାଧାରୀ କାରଖାନା ଭାବେ ଗଢ଼ି ତୋଳିବାକୁ ପରିଚାଳନା କର୍ତ୍ତୃପକ୍ଷ ସିଧାନ୍ତ ନେଇଥିବାରୁ ଚଳିତ ବର୍ଷ କାରଖାନାର ଆର୍ଥିକ ସ୍ଥିତି ବଦଳିବାର ସମ୍ଭାବନା ଜୋର ଧରିଛି।

ନିଳାଚଳ କାରଖାନା ଚଳିତ ବର୍ଷ ଅପ୍ରେଲରୁ ଜୁନ ମଧ୍ୟରେ ୧.୭୧ଟନ୍ ହଟ୍ ମେଟାଲ ଉତ୍ପାଦନ କରିଛି। ଯାହା କାରଖାନାର କ୍ୱାଟର ଉତ୍ପାଦନ ରେକର୍ଡ଼ରେ ଦ୍ୱିତୀୟ ସ୍ଥାନ ଦଖଲ କରିଛି। କେବଳ ଅପ୍ରେଲ ମାସରେ ୬୦୧୬୦ଟନ୍ ହଟ୍ ମେଟାଲ ଉତ୍ପାଦନ କରି କାରଖାନା ବିଗତ ୪ବର୍ଷର ରେକର୍ଡ଼କୁ ଭାଙ୍ଗିଛି। ମଇ ମାସରେ ୬୨୬୭୦ଟନ୍ ହଟମେଟାଲ ଉତ୍ପାଦନ କରି ତୃତୀୟ ସ୍ଥାନରେ ରହିବାକୁ ସକ୍ଷମ ହୋଇଛି। ସେହିପରି ଚଳିତ ବର୍ଷ କାରଖାନା ପକ୍ଷରୁ ବିକ୍ରି ହୋଇଥିବା ପିଗ ଆଇରନ ମଧ୍ୟ ଅନ୍ୟତମ ରେକର୍ଡ଼ କରିଛି। ଜୁନ ମାସରେ ୬୨୬୯୪ଟନ୍ ପିଗ୍ ଆଇରନ ବିକ୍ରି କରି କାରଖାନା ତାଲିକାରେ ଦ୍ୱିତୀୟ ସ୍ଥାନରେ ନିଜ ଅବସ୍ଥାପିତ କରିଛି। ନିଳାଚଳ ଇସ୍ପାତର ପିଗ ଆଇରନ ଜାପାନ, ଇଣ୍ଡୋନେସିଆ, ଚାଇନା, ମାଲେସିଆ, ଦକ୍ଷିଣ କୋରିଆ, ଭିଏତନାମ, ଥାଇଲାଣ୍ଡ, ତାଇୱାନ ଭଳି ରାଷ୍ଟ୍ରକୁ ରପ୍ତାନି ହୁଏ। ଗତ ଆର୍ଥିକ ବର୍ଷରେ ନିଳଚାଳର ପିଗ୍ ଆଇରନ ପୂର୍ବ ବର୍ଷ ତୁଳନାରେ ୩୨% ଅଧିକ ରପ୍ତାନି କରାଯାଇଥିବା ସୂଚନା ମିଳିଛି। ଲଗାତାର ଭାବେ କ୍ଷତିରେ କାରଖାନା ଚାଲୁଥିଲେ ମଧ୍ୟ ପାରିପାର୍ଶ୍ୱିକ ଉନ୍ନୟନରେ ସାମାନ୍ୟ ଅବହେଳା କରାଯାଇନାହିଁ। ସ୍ୱାସ୍ଥ୍ୟସେବା, ଶିକ୍ଷାକୁ ପ୍ରୋତ୍ସାହନ, ସ୍ୱଚ୍ଛ ଭାରତ ଅଭିଯାନ, କ୍ରୀଡ଼ାକୁ ଅଗ୍ରାଧିକାର ଏବଂ ପରିବେଶର ସୁରକ୍ଷାକୁ କାରଖାନା ସବୁବେଳେ ଗୁରୁତ୍ୱ ଦେଇଆସୁଛି ବୋଲି କାରଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି।